# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୦୨.୨୦୨୩ ରିଖ

ସମୟ-ଅପରାହ୍ନ ଘ.୨.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ଶ୍ରୀମତୀ ମୋନାଲିସା ବେହେରା,
୩. ଶ୍ରୀମତୀ ସୁଚିତ୍ରା ପାତ୍ର,
୪. ଶ୍ରୀ ରଶ୍ମିରଞ୍ଜନ ପାଟ୍ଟଶାଣୀ,
୫. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା ୧୪.୦୨.୨୦୨୩ ରିଖ ଅପରାହ୍ନ ଘ.୨.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଗତ ବର୍ଷାଋତୁରେ ଯେଉଁ ବୃକ୍ଷରୋପଣ ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଅଛି ତାହାର ରକ୍ଷଣାବେକ୍ଷଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଖଣ୍ଡଗିରି ଛକ ଠାରୁ ଜାଗମରା ପର୍ଯ୍ୟନ୍ତ ରାସ୍ତାର ମିଡ଼ିଆନ୍‌ରେ ଲାଗିଥିବା ଗଛରେ ପାଣି ଦିଆଯାଉନାହିଁ । ଏହି କାର୍ଯ୍ୟ କେଉଁ ସଂସ୍ଥା କେତେ ଅର୍ଥରେ ନେଉଛନ୍ତି ତାହାର ତଥ୍ୟ କମିଟିରେ ଉପସ୍ଥାପନ କରିବା ପାଇଁ ଏବଂ ସମ୍ପୃକ୍ତ ସଂସ୍ଥାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଗତ ବର୍ଷାଋତୁରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଆବଶ୍ୟକ ସଂଖ୍ୟକ ଘରାରୋପଣ କରାଯାଇ ପାରିଲା ନାହିଁ । ଆଗକୁ ବର୍ଷାଋତୁ ଆସୁଅଛି, ତେଣୁ ବୃକ୍ଷରୋପଣ ପାଇଁ ବଜେଟ ବ୍ୟବସ୍ଥା ଓ ଆବଶ୍ୟକୀୟ ସଂଖ୍ୟକ ଘରା ଏବଂ ଟ୍ରୀ ଗାର୍ଡ଼ ଇତ୍ୟାଦି ବନ୍ଦୋବସ୍ତ ବର୍ଷାଋତୁ ପୂର୍ବରୁ ସମ୍ପୂର୍ଣ୍ଣ କରି ବର୍ଷା ଆରମ୍ଭ ସମୟରେ ବୃକ୍ଷରୋପଣ କାର୍ଯ୍ୟ କରିବା ପାଇଁ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୨.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୪.୦୨.୨୦୨୩ ରିଖ